## ସଂକ୍ଷେପରେ

### ୨ବର୍ଷ ହେଲା ମିଳିନି ବାଣୀଶ୍ରୀ ସ୍କଲାରଶିପ୍

**ବନ୍ତ, ୨।୯(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଗତ ୨ବର୍ଷ ଧରି ବାଣୀଶ୍ରୀ ସ୍କଲାରଶିପ୍ ପାଇ ନ ଥିବା ଅଭିଯୋଗ ହୋଇଛି। ଉଲ୍ଲେଖ ଯେ, ରାଜ୍ୟ ସରକାର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ବାଣୀଶ୍ରୀ ସ୍କଲାରଶିପ୍ ପ୍ରଦାନ ବ୍ୟବସ୍ଥା କରିଛନ୍ତି। ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ପିଲା ପିଛା ବର୍ଷକୁ ୨ ହଜାର ଏବଂ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ବର୍ଷକୁ ୨ ହଜାର ୫ଶହ ଟଙ୍କା ଦିଆଯିବା ବ୍ୟବସ୍ଥା ରହିଛି। ଗତ ୨୦୧୮-୧୯ ଓ ୨୦୧୯-୨୦ ଶିକ୍ଷାବର୍ଷରେ ବ୍ଲକର ପ୍ରାୟ ୩୫୦ ଛାତ୍ରୀଛାତ୍ରୀଙ୍କୁ ଅଦ୍ୟାବଧି ଏହି ସ୍କଲାରଶିପ୍ ମିଳି ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ଭଦ୍ରକ ଜିଲା ସାମାଜିକ ସୁରକ୍ଷା ବିଭାଗ ସହ ଯୋଗାଯୋଗ କରାଯିବାରୁ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

### କୋଇଲା ବୋଝେଇ ଗାଡ଼ି ଜବତ: ୨ ଗିରଫ

**ଧାମନଗର,୨।୯(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳୀ ନିକଟରେ ଧୂଷୁରୀ ଥାନା ପୋଲିସ ଏକ ଚୋରା କୋଇଲା ବୋଝେଇ ଟାଟା ଏସିଇ ଗାଡ଼ି ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବାଲିବିଲି ଗ୍ରାମର ନିଳମଣୀ ମଲିକ ଏବଂ ଅଭୟ ମଲିକ। ଧୂଷୁରୀ ଥାନା ଏସ୍‌ଆଇ ମହାପ୍ରସାଦ ନାୟକ ଚୋରା କୋଇଲା ଚାଲାଣ ସମ୍ପର୍କରେ ଖବର ପାଇ ଅସୁରାଳୀ ନିକଟରେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୬୪/୨୦) ରୁଜୁ ହୋଇଛି।

### ଓଲଟିଲା ବୋଲେରୋ, ୫ ଆହତ

**ଖଇରା, ୨।୯(ଡି.ଏନ.ଏ.):** ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ମହତୀପୁର ପଞ୍ଚାୟତ ଅଫିସ ଛକ ନିକଟରେ ଏକ ବୋଲେରୋ ଭରସାମ୍ୟ ହରାଇ ରାସ୍ତା ଉପରେ ଓଲଟିବାରୁ ଡ୍ରାଇଭରଙ୍କ ସମେତ ମୋଟ ୫ଜଣ ଆହତ ହୋଇଛନ୍ତି । ଆହତମାନେ ହେଲେ ବାରାପୁର ଗ୍ରାମର ବଳରାମ ମାଝି, ଟିଙ୍କିନା ମାଝି, ନାରାୟଣ ଘୋଷ ଓ ପ୍ରସାଦ ମାଝି ଓ ଡ୍ରାଇଭର ପପୁ କୁଅଁର । ଅନ୍ୟ ୨ଜଣ ଶିଶୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖଇରା ଥାନା ଅଧୀନ ବାରାପୁର ଗ୍ରାମର ୪ଜଣ ବ୍ୟକ୍ତି ସୋରରୁ କାମ ସାରି ଘରକୁ ଫେରୁଥିବା ବେଳେ ପଞ୍ଚାୟତ ଅଫିସ ସମ୍ମୁଖରେ ଏକ ଷଣ୍ଢ ରାସ୍ତା ଉପରକୁ ଚାଲି ଆସିବାରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ । ବେଲେରୋଟି ରାସ୍ତା ଉପରେ ହିଁ ଓଲଟି ପଡିଥିଲା । ପରେ ଖଇରା ଅଗ୍ନିଶମ ବାହିନୀ ସହାୟତାରେ ବୋଲେରୋକୁ ରାସ୍ତା ଉପରୁ ହଟାଯାଇଥିଲା

### ମା' ଲକ୍ଷ୍ମୀଙ୍କ ଲାଗି ମାଟି ପୂଜା

**ଢେଙ୍କିକୋଟ, ୨।୯(ଡି.ଏନ.ଏ.):** ପବିତ୍ର ଇନ୍ଦୁପୂର୍ଣ୍ଣିମା ତିଥିରେ ଢେଙ୍କିକୋଟ ମହାଲକ୍ଷ୍ମୀ ପୂଜା କମିଟିର ସଂକଳ୍ପଧାରୀ ତଥା ମୁଖ୍ୟ ପୁରେଧା ରାମଚନ୍ଦ୍ର ସାହୁଙ୍କ ଦ୍ୱାରା ଯଥାବିଧି ପୂଜା କରାଯାଇ ମା' ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ପ୍ରତିମା ନିମନ୍ତେ ମାଟି ପୂଜା କରି ଅଣାଯାଇଛି। ଦେଶରେ ଚାଲିଥିବା କରୋନା ଭୂତାଣୁଜନିତ ସମସ୍ତ ନୀତିନିୟମ ମାନି କମିଟି ୫ଜଣ କର୍ମକର୍ତ୍ତା ଏବଂ ପୂଜକ ଯାଇ ମାଟି ଆଣିଥିଲେ। ଆସନ୍ତା ନଭେମ୍ବର ୧୪ତାରିଖରେ ଶନିବାର ମା' ଲକ୍ଷ୍ମୀଙ୍କ ପୂଜା ହେବ। ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପୁରେଧା ରାମଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।

### ଅସହାୟଙ୍କୁ ସହାୟତା

**ଯୋଡ଼ା, ୨।୯(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡାସ୍ଥିତ ଲାଇ ଫୁଏଲ ଏବଂ ଯୋଡା ରୋଟାରୀ କ୍ଲବ ପକ୍ଷରୁ ଇଣ୍ଡିଆନ୍ ଅଏଲ ଦିବସ ଉତ୍ସବରେ ଗରିବ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଡା ଟାଟା କମ୍ପାନୀ ମୁଖ୍ୟ ମୁକେଶ ରଞ୍ଜନ, ସମ୍ମାନନୀୟ ଅତିଥି ଭାବେ ରୋଟାରିଆନ୍ ତାରିଣୀ ପ୍ରସାଦ ମହାନ୍ତି ଏବଂ ବି.ଡି ସାହୁ ଯୋଗ ଦେବା ସହିତ କେକ୍ କାଟି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ୧୦୦ ଜଣ ଟ୍ରକ ଡ୍ରାଇଭର ଓ ହେଲପରଙ୍କୁ ପ୍ୟାଣ୍ଟ ସାର୍ଟ କପଡା ପ୍ରଦାନ କରାଯାଇଥିବା ବେଳେ ପାଞ୍ଚଶହ ଲାଇନ ଟ୍ରକ ଡ୍ରାଇଭରଙ୍କୁ ଟିଫିନ କ୍ୟାରିୟର ବଣ୍ଟନ କରାଯାଇଥିଲା। ପେଟ୍ରୋଲ ପମ୍ପର କର୍ମଚାରୀମାନଙ୍କୁ ମଧ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଡା ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ବିକାଶ ରଞ୍ଜନ ମହାନ୍ତି, ସଂପାଦକ ସ୍ୱରୂପ ପଣ୍ଡା, ସୁନିଲ କୁମାର ବାସୋତିଆ, ଜିତେନ୍ଦ୍ର ବୈଦ୍ୟ, ସିଦ୍ଧାର୍ଥ ସାରଥୀ କର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ମାର୍ଟସିଟି ଯୋଜନା ବାଟବଣା

**ଭଦ୍ରକ ଅଫିସ, ୨।୯**


ଶନିମନ୍ଦିର ଛକରେ ଅର୍ଦ୍ଧନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ।

- ୧୫ ମାସ ବିତିଲାଣି, ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ ନାହିଁ
- ସରୁନି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ

ଭଦ୍ରକ ପୌରପାଳିକା ପକ୍ଷରୁ ୧୫ମାସ ପୂର୍ବେ ସହରରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସହରକୁ ସ୍ମାର୍ଟସିଟି କରାଯିବା ପାଇଁ ପରିକଳ୍ପନା କରାଯାଇ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ମାତ୍ର ମହତାବ ଛକରୁ ଘୋଷରା ବଜାର ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇ ବନ୍ଦ କରି ଦିଆଯାଇଥିଲା। ଉଚ୍ଛେଦ କରାଯାଇଥିବା ବ୍ୟବସାୟୀଙ୍କୁ ଇତିମଧ୍ୟରେ ଥଇଥାନ କରାଯାଇ ପାରିନାହିଁ। ସ୍ମାର୍ଟ ସିଟି ହୋଇ ସହର ଝଲସିବ ବୋଲି ଆଶା ରଖି ବ୍ୟବସାୟୀମାନେ ଉଚ୍ଛେଦ ପ୍ରକ୍ରିୟାକୁ ସହଯୋଗ କଲେ। ହେଲେ ତାହା ପ୍ରହସନ ପାଲଟିଛି।

ମୋଟ ୨୧୮ଜଣ ବ୍ୟବସାୟୀ ଏବେ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ କିଏ ପରିବା ବିକୁଛି ତ ଅନ୍ୟ କିଏ ଠେଲା ଗାଡ଼ି ଧରି ଚା' ବିକୁଛି। ଉଚ୍ଛେଦ ସମୟରେ ଜିଲା ପ୍ରଶାସନ ଓ ବିଧାୟକ ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପର୍ତ୍ତିବିନ୍ଧା ଛକ, ଶନିମନ୍ଦିର ଛକ ଓ ବାଇପାସ୍ ଜଗନ୍ନାଥ ମନ୍ଦିର ଛକ ନିକଟରେ ମାର୍କେଟ୍ କମ୍ପ୍ଲେକ୍ସ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇ ବ୍ୟବସାୟୀଙ୍କୁ ଉଚ୍ଛେଦ କରି ଦିଆଯାଇଥିଲା। ଏପରିକି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ଶନିମନ୍ଦିର ଛକ ନିକଟରେ ପାଣି ନାଳ ଉପରେ ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ୧୩ଟି ଦୋକାନ ଗୃହ କାମ ଆରମ୍ଭ କରାଯାଇଥିଲା। ହେଲେ ଏହି କାମ ସରିବାର ନାଁ ଧରୁନାହିଁ। ଦୋକାନ ଗୃହ ବାଣ୍ଟିବା ପାଇଁ ଏହି କାମ ଶେଷ କରାଯାଉ ନ ଥିବା ଶ୍ରମିକ ନେତା ତଥା ଉଠା ଦୋକାନୀ ସଙ୍ଗଠନର ସଭାପତି ଦିବ୍ୟସିଂହ ନାୟକ ଅଭିଯୋଗ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୩୦ତାରିଖ ଗତ ନିର୍ବାଚିତ ପୌରପରିଷଦର କାର୍ଯ୍ୟକାଳ ପୂରି ଯାଇଥିଲା। ଏ ପର୍ଯ୍ୟନ୍ତ କୌଣସି କାରଣରୁ ପୌରନିର୍ବାଚନ ହୋଇନାହିଁ। ତେଣୁ ଏହି ଅବଧି ମଧ୍ୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପୌରପାଳିକାର କାର୍ଯ୍ୟ ତୁଲାଉଛନ୍ତି ଜିଲା ପ୍ରଶାସକ। ତେବେ ପ୍ରଶାସକଙ୍କ ହାତରେ ପୌରପାଳିକା ଥାଇ ସୁଦ୍ଧା ଉଚ୍ଛେଦ ହୋଇଥିବା ଦୋକାନୀମାନେ ଯଦି ଏଭଳି ଥଇଥାନ ହୋଇପାରୁନାହାନ୍ତି ତେବେ କେବେ ସେମାନଙ୍କୁ ଥଇଥାନ କରାଯିବ ବୋଲି ଆଇନଜୀବୀ ରାଧା ଦାସ ପ୍ରଶ୍ନ କରିଛନ୍ତି। ବାଇପାସ୍ ଜଗନ୍ନାଥ ମନ୍ଦିର ନିକଟ ଓ ଅପର୍ତ୍ତିବିନ୍ଧା ଛକ ନିକଟ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଇଟା ଖଣ୍ଡିଏ ପଡ଼ିନାହିଁ। ଏଣୁ ବ୍ୟବସାୟୀ ଏବେ ଥଇଥାନ ହେବେ କି ନାହିଁ ତାହା ସନ୍ଦେହ ମଧ୍ୟରେ ରହିଛନ୍ତି।

# ଧରାପଡ଼ିଲେ ୧୨ ଜାଲ୍ ଶିକ୍ଷକ

**କେନ୍ଦୁଝର, ୨।୯(ସ୍ୱ.ପ୍ର.)**

**ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଲେ ଜିଲା ପ୍ରକଳ୍ପ ସଂଯୋଜକ**

ବାହାର ରାଜ୍ୟ ବିଶ୍ୱବିଦ୍ୟାଳୟରୁ ଜାଲ୍‌ବିଏଡ୍ ପ୍ରମାଣପତ୍ର ଆଣି କେନ୍ଦୁଝର ଜିଲା ଅନ୍ତର୍ଗତ ୮ ଟି ବ୍ଲକରେ ଶିକ୍ଷକ ଚାକିରି କରୁଥିବା ୧୨ ଚୁକ୍ତିଭିତ୍ତିକ ଶିକ୍ଷକ ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ୭ଦିନ ମଧ୍ୟରେ ଥାନାରେ ଏତଲା ଦେବାକୁ ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ବିଭିନ୍ନ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାଲ୍ ସାର୍ଟିଫିକେଟରେ ଚାକିରି କରୁଥିବା ଜଣାପଡ଼ିବା ପରେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାକୁ ନେଇ ସମ୍ପୃକ୍ତ ଶିକ୍ଷକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଉକ୍ତ ଶିକ୍ଷକମାନଙ୍କ ବିଏଡ୍ ପ୍ରମାଣପତ୍ର ଯାଞ୍ଚ ପାଇଁ ଶିକ୍ଷା ବିଭାଗ ସମ୍ପୃକ୍ତ ବିଶ୍ୱ ବିଦ୍ୟାଳୟଗୁଡ଼ିକୁ ଚିଠି କରିଥିଲା। ପରେ ବିଭାଗ ପକ୍ଷରୁ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

# ମାର୍କୋଣାରେ ବାରମ୍ବାର ଚୋରି

**ସିମୁଳିଆ, ୨।୯(ଡି.ଏନ.ଏ.)**

**ଦିନଦ୍ୱିପ୍ରହରରେ ବାଇକ୍ ଚୋରି କରିନେଲେ ଦୁର୍ବୃତ୍ତ**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣାରେ ଲଗାତର ଚୋରି ବୃଦ୍ଧି ପାଇଛି। ମଙ୍ଗଳବାର ମଧ୍ୟାହ୍ନରେ ମାର୍କୋଣା ଛକର ପରିବା ଦୋକାନୀ ଶଶୀକାନ୍ତ ପଣ୍ଡାଙ୍କ ମୋଟର ସାଇକେଲ (ନଂ. ଓଡି ୦୧ପି ୬୬୩୪)କୁ ଦୁର୍ବୃତ୍ତମାନେ ତାଙ୍କ ଦୋକାନ ଆଗରୁ ଚୋରି କରିନେଇଛନ୍ତି। ଶଶୀକାନ୍ତଙ୍କ ଅନ୍ୟମନସ୍କର ସୁଯୋଗ ନେଇ ଏହି ଚୋରି ହୋଇଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ଦିନଦ୍ୱିପ୍ରହରେ ବିଟ୍ ବଜାରରୁ ଚୋରି ହେବା ଜନସାଧାରଣଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଗତ ଶୁକ୍ରବାର ଥାନାଠାରୁ ୫୦ମିଟର ଦୂରରେ ପ୍ରତିଷ୍ଠିତ ବଜାରସାହି ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ବିଭିନ୍ନ ରେକର୍ଡପତ୍ର ଫିଙ୍ଗିବା ସହିତ ନିକଟରେ ଥିବା ବିଭିନ୍ନ ୪ଟି ଦୋକାନ ରମାକାନ୍ତ ନାୟକଙ୍କ ଭେରାଇଟି ଷ୍ଟୋର, ରାଜେନ୍ଦ୍ର ସାହୁଙ୍କ ତେଜରାତି ଦୋକାନ, ସୁବଳ ବାରିକଙ୍କ ଷ୍ଟେଶନାରୀ ଦୋକାନ ଓ ଗୌରାଙ୍ଗ ବେହେରାଙ୍କ ପାନ ଦୋକାନର ବିଭିନ୍ନ ସରଞ୍ଜାମ ସହିତ ଟଙ୍କା ଚୋରି ହୋଇଥିଲା।

# ଭିଡିଓ ଭାଇରାଲ ପରେ ପୋଲିସର ତନାଘନା

**ଭଦ୍ରକ ଅଫିସ,୨।୯**

**ମହିଳାଙ୍କୁ ଗଛରେ ବାନ୍ଧି ମାଡ଼**

ଭଦ୍ରକ ଟାଉନ ଥାନା ଅଞ୍ଚଳରେ ବକେୟା ଟଙ୍କା ଓ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ବୁଧବାର ମଧ୍ୟାହ୍ନରେ ଜଣେ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଇଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଛି। ଉକ୍ତ ମହିଳାଙ୍କୁ ଅର୍ଦ୍ଧଉଲଗ୍ନ କରି ମାଡ଼ ମରାଯାଉଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଏନେଇ ମହିଳାଙ୍କ ସ୍ୱାମୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ମହିଳାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାର ତନାଘନା ଚଳାଇଛି। ଅପରପକ୍ଷେ ଏତଲାକାରୀଙ୍କ ବିରୋଧରେ ପାଲଟା ଏତଲା ଦାଏର ହୋଇଛି। ଟାଉନ ପୋଲିସ ଉଭୟ ଏତଲାକୁ ଭିତ୍ତି କରି ମେଡିକାଲରେ ପହଞ୍ଚି ଉଭୟ ପକ୍ଷର ୩ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ବୟାନ ରେକର୍ଡ଼ କରିଛି। ଜଣେ ମହିଳାଙ୍କୁ ଗଛରେ ବାନ୍ଧି ଅର୍ଦ୍ଧ ଉଲଗ୍ନ କରି ମାଡ଼ ମାରିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏନେଇ ଘଟଣାର ତଦନ୍ତ କରାଯାଉଛି ଓ ଖୁବ୍‌ଶୀଘ୍ର ମାମଲା ରୁଜୁ ହେବ ବୋଲି ପୋଲିସ ସୂଚନା ଦେଇଛି।

# ଉଦୟପୁରରେ ଭାଗବତ ଜନ୍ମ ଉତ୍ସବ

**ପାଟଣା,୨।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡା ବ୍ଲକ ଉଦୟପୁର ସ୍ଥିତ ରାଜ ସାହିରେ ଥିବା ପୁରାତନ ଭାଗବତ ଟୁଙ୍ଗିରେ ବୁଧବାର ଭାଗବତ ଜନ୍ମ ଦିବସ ଅବସରରେ ସାମୁହିକ ଭାଗବତ ପାଠ ଅନୁଷ୍ଠିତ ହୋଇଛି। ସୂଚନା ଯୋଗ୍ୟ ଯେ, ବହୁ ବର୍ଷର ଏହି ଭାଗବାତ ଟୁଙ୍ଗିଟି ସ୍ଥାନୀୟ ଅଞ୍ଚଳରେ ଭାଗବତ ଚେତାନ ଅଭିବୃଦ୍ଧିର କେନ୍ଦ୍ର ସ୍ଥଳୀ ପାଲଟିଛି। ଆଜିର ଏହି ଭାଗବତ ଜନ୍ମ ଉତ୍ସବ କାର୍ଯ୍ୟକ୍ରମ ରେ ପୁରୋହିତ ଭାବେ ମିଲୁ ପଣ୍ଡା ପୂଜା ନୀତିକାନ୍ତି କରିଥିବା ବେଳେ ରମେଶ ଚନ୍ଦ୍ର ରାଜ,ଦୀପକ ରାଜ, ସତ୍ୟପ୍ରିୟ ପୋହି, ଭାଗିରଥି ମୁଦୁଲି, ଚତୁର୍ଭୁଜପୋହି, ରେଖା ସାମଲ ଓ ହରିହର ମହାନ୍ତି ପ୍ରମୁଖ ଭାଗବତ ପାଠ କରିଥିଲେ।

# ରାସ୍ତା ମରାମତି ଲାଗି ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ

**ବନ୍ତ, ୨।୯(ଡି.ଏନ.ଏ.)**


ରାସ୍ତା ମରାମତି ନେଇ ବିଡିଓଙ୍କୁ ଭେଟିଲେ ପ୍ରତିନିଧି ଦଳ।

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ପଞ୍ଚାୟତର ଗଣ୍ଡଗରା-ମୁଗଗଡିଆ ରାସ୍ତା ଲଘୁଚାପ ବର୍ଷାରେ ନଷ୍ଟ ହୋଇଥିବା ବେଳେ ଏହାର ମରାମତି ଲାଗି ବୁଧବାର କାନ୍ତିକାରୀ କୃଷକ ମହାସଂଘର ଆବାହକ ଭବେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଡିଓ ରେବେକା ବିଲୁଙ୍ଗଙ୍କୁ ଭେଟିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ପୂର୍ବରୁ ଅମ୍ପାନ୍ ପାଣ୍ଠିରେ ୧ଲକ୍ଷ ଏବଂ ବିଧାୟକ ଉନ୍ନୟନ ପାଣ୍ଠିରେ ୨ଲକ୍ଷ ଟଙ୍କା ରହିଛି। ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ଅର୍ଥକୁ ତୁରନ୍ତ ରାସ୍ତା ମରାମତି କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ବିଡିଓ କହିଥିଲେ। ଏଥିସହ ଅକ୍ଟୋବର ୧୫ପରେ ଏମଜିଏନଆରଇଜିଏସ୍‌ରେ ଉକ୍ତ ରାସ୍ତାରେ ମାଟି କାମ କରାଯିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିନିଧି ଦଳରେ ମୁଗଗଡିଆ, କସଗଡିଆ ଓ ଗୋହିରାପଦୀ ଗ୍ରାମର ସମାଜସେବୀ ରାଜ କିଶୋର ପଣ୍ଡା, ଗୋପାଳ ପ୍ରଧାନ, ନିରଞ୍ଜନ ପ୍ରଧାନ, ଗୋପନାରାୟଣ ଓଝା, ମୁକ୍ତିକାନ୍ତ ଜେନା, ଶତ୍ରୁଘ୍ନ ଓଝା ଉପସ୍ଥିତ ଥିଲେ। ଗତ ଲଘୁଚାପ ବର୍ଷାରେ ଗୋହିରାପଦିରୁ ମୁଗଗଡିଆ ଦେଇ ବି.କେ.ବି.ଏମ୍ ରୋଡ୍‌କୁ ସଂଯୋଗ କରୁଥିବା ରାସ୍ତାର ମୁଗଗଡିଆଠାରେ ଘାଇ ସୃଷ୍ଟି ହୋଇ ୩ଟି ଗ୍ରାମ ଜଳମଗ୍ନ ହେବା ସହ ଶତାଧିକ ଏକର ଚାଷ ଜମି ପ୍ରଭାବିତ ହୋଇଥିଲା।

# କୁପାରୀ ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ

**ଖଇରା, ୨।୯(ଡି.ଏନ.ଏ.)**


ଟୁଙ୍ଗିରେ ଭାଗବତ ପାଠ କରାଯାଉଛି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପଟ୍ଟନାୟକ ସାହିରେ ଥିବା ଭାଗବତ ଟୁଙ୍ଗିରେ ବୁଧବାର ଭାଗବତ ଜନ୍ମ ପାଳନ ହେବା ସହ ୫୮ତମ ବାର୍ଷିକ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଭୋଳନାଥ ପଲେଇ ଏବଂ ଉଲ୍ଲାସ ରାଉତଙ୍କ ଦ୍ୱାରା ପୂଜା ମଣ୍ଡପକୁ କଳସ ଅଣାଯାଇଥିଲା। ପୂଜକ ବିଷ୍ଣୁଚରଣ ପଣ୍ଡା, କୃତିବାସ ପଣ୍ଡା ଓ ଭାଗବତ ପଣ୍ଡା କୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜାର୍ଚ୍ଚନା କରିବା ସହ ଭାଗବତ ପାଠ କରିଥିଲେ। ୭ଦିନ ଧରି ଭାଗବତ ପାରାୟଣ ଚାଲିବା ସହ ଉଦ୍‌ଯାପନୀ ଦିବସରେ ଯଜ୍ଞାଦି ଆୟୋଜନ ହେବାର କାର୍ଯ୍ୟକ୍ରମ ଅଛି। ଗ୍ରାମର ସୁରେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହାୟତା କରୁଛନ୍ତି।

# ନକଲି ଦେଶୀ ମଦ କାରଖାନା ଠାବ

**ରୂପସା, ୨।୯(ଡି.ଏନ.ଏ.)**

- ୨ ଗିରଫ ୪ ଫେରାର
- ମଦ ବୋତଲ ସହ ସରଞ୍ଜାମ ଜବତ

ବାଲେଶ୍ୱର ସଦର ବ୍ଲକ ରୂପସା ଥାନା ଅଧୀନ କସିପଦା ଗ୍ରାମରେ ଏକ ନକଲି ବିଦେଶୀ ମଦ କାରଖାନା ଠାବ ହୋଇଛି। ଆଇଆଇସି ବିଶ୍ୱଜ କୁମାର ରାଉତରାୟଙ୍କ ନେତୃତ୍ୱରେ ଏଏସ୍‌ଆଇ ନରହରି ମହାଳିକ ଓ ହେମନ୍ତ କୁମାର ଦେବଙ୍କ ସମେତ ଏକ ଟିମ୍ ଗତ ୩୧ତାରିଖ ରାତିରେ ଅତର୍କିତ ଭାବେ ଚଢାଉ କରି ଏହି କାରଖାନାରୁ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଅନ୍ୟ ୪ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତ ହେଲେ କସିପଦା ଗ୍ରାମର ସଞ୍ଜିତ୍ ରାଉତ ଓ ପୋଡାଡିହା ଗ୍ରାମର ରତିକାନ୍ତ ଜେନା। ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ ସମେତ ବିପୁଳ ପରିମାଣର ସ୍ପିରିଟ ବିଭିନ୍ନ ବ୍ରାଣ୍ଡର ଠିପି ଓ ଠିପିରେ ବ୍ୟବହୃତ ସୋଲ, କେମିକାଲ ରମ୍ ଓ ହ୍ୱିସ୍କି ପାଇଁ ଅଲଗା ଅଲଗା ଫ୍ଲେଭର, ୬୦ ବୋତଲ ନକଲି ବିଦେଶୀମଦ ଜବତ ହୋଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୬୧/୨୦)ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଆଇଆଇସିଙ୍କ ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ଏଠାରେ ନକଲି ମଦ ପ୍ରସ୍ତୁତ କରାଯାଇ ବାଲେଶ୍ୱର, ମୟୂରଭଞ୍ଜ ଜିଲାର ବିଭିନ୍ନ ମାର୍କେଟ, ଢାବା ଓ ହୋଟେଲକୁ ଚାଲାଣ ହେଉଛି।

# ବନ୍ୟାଞ୍ଚଳ ପରିଦର୍ଶନ କଲେ ପୂର୍ବତନ ବିଧାୟକ

**ବାଲେଶ୍ୱର ଅଫିସ, ୨।୯**

ଚଳିତବର୍ଷ ବନ୍ୟାରେ ବାଲେଶ୍ୱର ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟାପକ କ୍ଷତି ଘଟିଛି। ମହାମାରୀ କରୋନା ସହ ଏହି ବନ୍ୟା ଚାଷୀକୁଳର ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିଦେଇଛି। ଏଭଳି ସ୍ଥିତିରେ ବିପନ୍ନଙ୍କ ପାଖରେ ପହଞ୍ଚିଥିଲେ ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ। ସଦର ବ୍ଲକର ବଇଁଚା, ସିନ୍ଧିଆ, ଗୋପୀନାଥପୁର, ଓଲୋନ୍ଦା ସାରଗାଁ, ପରିଖି ଶ୍ରୀରାମପୁର ସହ ବହୁ ପଞ୍ଚାୟତର ବିଭିନ୍ନ ଗାଁରେ ବନ୍ୟା ଯୋଗୁ ବହୁ ଚାଷ ଜମି ସହ ଘରଦ୍ୱାର ନଷ୍ଟ ହୋଇଯାଇଛି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ସହ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଏସବୁ ପଞ୍ଚାୟତରେ ପହଞ୍ଚି ବିପନ୍ନଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହ ଏହାର ତୁରନ୍ତ ସମାଧାନ ପାଇଁ ସରକାର, ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବନ୍ୟା ଯୋଗୁ ବହୁ ରାସ୍ତା ସହ ପୋଲ, ବନ୍ଧ ମଧ ନଷ୍ଟ ହୋଇଯାଇଛି। ତେଣୁ ଏସବୁକୁ ଅବିଳମ୍ବେ ମରାମତି କରାଯିବ ବୋଲି ଦାଶ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିପନ୍ନଙ୍କ ପାଇଁ ସମସ୍ତ ସରକାରୀ ସାହାଯ୍ୟ ଯେପରି ଠିକ୍ ଭାବେ ସେମାନଙ୍କ ପାଖରେ ପହଞ୍ଚିପାରିବ ସେ ଉପରେ ସଦର ବ୍ଲକ ଅଧ୍ୟକ୍ଷ ନାରାୟଣ ପ୍ରଧାନ ସହ ଦାଶ ଆଲୋଚନା କରିଥିଲେ। ପରିଦର୍ଶନ ବେଳେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ସଭ୍ୟଙ୍କ ସମେତ ପଞ୍ଚାୟତର ସମସ୍ତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ସେବା ସମବାୟ ସମିତି ଆଗରେ ଚାଷୀଙ୍କ ବିକ୍ଷୋଭ

**ତିହିଡ଼ି,୨।୯(ସ୍ୱ.ପ୍ର.)**


ସମବାୟ ସମିତି ସମ୍ମୁଖରେ ଚାଷୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ନରେନ୍ଦ୍ରପୁର ସେବା ସମବାୟ ସମିତି ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ବଞ୍ଚିତ ହୋଇଥିବା ଏହି ଚାଷୀମାନେ ସରକାରଙ୍କ ବିରୋଧରେ ନାନାଦି ସ୍ଲୋଗାନ ଦେବା ସହିତ ଏହାର ସଂଶୋଧନ ଦାବି କରିଥିଲେ। ଏହି ସମିତିରେ ନରେନ୍ଦ୍ରପୁର, ଛତ୍ରପଦା, ଗୁରୁଦାସପୁର ଓ କଇଁଫୁଲିଆ ରାଜସ୍ୱ ଗ୍ରାମର ଶତାଧିକ ଚାଷୀ ବୀମାଭୁକ୍ତ ହୋଇପାରୁ ନାହାନ୍ତି। ନୂତନ ବନ୍ଦୋବସ୍ତ ଜମି ପଟ୍ଟାର ଅନ୍‌ଲାଇନର ଭୂଲେଖରେ ତ୍ରୁଟି ଥିବାରୁ ଚାଷୀମାନେ ବୀମାଭୁକ୍ତ ହେବାରୁ ବଞ୍ଚିତ ହୋଇଛନ୍ତି। ଗତ ୩ମାସ ତଳେ ସେମାନେ ବୀମା ରାଶି ସିମିତି ମାଧ୍ୟମରେ ପ୍ରଦାନ କରିବା ସହ ଋଣ ନେଇ ଚାଷ କରିଥିଲେ। ମାତ୍ର ଚଳିତ ବନ୍ୟା ଓ ଲଗାଣ ବର୍ଷାରେ ଚାଷଜମିରେ ବହୁ ପରିମାଣରେ ପାଣି ଜମି ରହିଛି। ଧାନ ଅମଳ ସେମାନଙ୍କ ପାଇଁ ଅସମ୍ଭବ ଜଣାପଡୁଥିବା ବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ବଞ୍ଚିତ ହେବା ବଡ଼ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ଚାଷୀମାନେ ଏ ସମ୍ପର୍କରେ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାପାଇଁ ଦାବି କରିଛନ୍ତି। ଏହାର ବ୍ୟତିକ୍ରମ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ସମବାୟ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି ଓ ଏହାର ତୁରନ୍ତ ସମାଧାନ କରାଯିବ ବୋଲି ସମିତି ସମ୍ପାଦକ ମାୟାଧର ବେହେରା କହିଛନ୍ତି।

